## ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ସେବା କାଗଜକଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକମାନେ ସୋମବାର ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମ କମିଶନର ଦାବିପତ୍ର ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ସହ ଅକ୍ଟୋବର ୨୩ ତାରିଖରେ ଜିଲା ଶ୍ରମ ଅଧିକାରୀ ମିଳିତ ବୈଠକ ଡକାଇ ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେଇଛନ୍ତି। ୫ ବର୍ଷ ହେବ ଅବସରପ୍ରାପ୍ତ ଶ୍ରମିକମାନଙ୍କ ବକେୟା ପାଉଣା,ଗ୍ରାଚୁଇଟି ଦେବା, ପିଏଫ ଜମା ଟଙ୍କା ପାଇବା,ପେନସନ ପାଇବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମୟରେ ସଂଘ ସଭାପତି ତଥା ଅବସରପ୍ରାପ୍ତ ଶ୍ରମିକମାନଙ୍କ ଆବାହକ ପ୍ରମୋଦ ମହାନ୍ତି,ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପାଣ୍ଡିଆ, ଅଲେଖ ପାତ୍ର, କେ.ସତ୍ୟ ନାରାୟଣ,ବସନ୍ତ ବେହେରା,ସୁଦର୍ଶନ ବିଷୋୟୀ,ପ୍ରହଲ୍ଲାଦ ମଲ୍ଲିକ,ଧ୍ରୁବ ବାରିକ, ସୁବାଷ ବେହେରା, ଭାସ୍କର ମିଶ୍ର ଓ ଚକ୍ରଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କୁ ସ୍କୁଲ ନ ଯିବାକୁ ବାରଣକଲେ ଅଭିଭାବକ

- ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର
- ଜିଲାଭିତ୍ତିକ ନିଯୁକ୍ତିକୁ ସମର୍ଥନ

କୋଟପାଡ଼,୨୧।୧୦
(କେ.ରାଜଶେଖର ରାଓ)



ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର ଦେଉଛନ୍ତି।

ନବରଙ୍ଗପୁର ପରେ କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ ଅଞ୍ଚଳରେ ଜିଲାଭିତ୍ତିକ ନିଯୁକ୍ତିକୁ ସମର୍ଥନକରି ପିଲାଙ୍କୁ ସ୍କୁଲ ନ ଯିବାକୁ ଅଭିଭାବକମାନେ ବାରଣ କରିଛନ୍ତି। ୧୦ ପଞ୍ଚାୟତର ଅଧିକାଂଶ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ସୋମବାର ଦେଖିବାକୁ ମିଳିଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟରେ ଦୀର୍ଘ ସମୟ ଅପେକ୍ଷା କରିଥିବା ବେଳେ ପିଲା ଆସି ନ ଥିଲେ। ଏସ୍ଏମ୍ସି କମିଟି ସଦସ୍ୟ, ଗ୍ରାମ୍ୟ କମିଟି ଓ ଅଭିଭାବକମାନେ ପହଞ୍ଚି ଅନ୍ୟ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଜିଲାରେ ନିଯୁକ୍ତି ଦେଇଥିବାରୁ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକ ବେକାର ହେଉଥିବା ଅଭିଯୋଗ କରିଥିଲେ। ନୂତନ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ବିରୋଧ କରି ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଡାକରା ହୋଇଥିଲେ ମଧ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନ ଥିବାରୁ ନବରଙ୍ଗପୁର ପରେ କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆଗକୁ ଏହି ଆନ୍ଦୋଳନ ଉଗ୍ରରୂପ ନେବାକୁ ଯାଉଥିବା ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। କୋଟପାଡ଼ ଅଞ୍ଚଳରେ ନୂତନ ଭାବେ ଶିକ୍ଷକ ନିଯୁକ୍ତି ପାଇଥିବା ସ୍କୁଲଗୁଡ଼ିକରେ ଗ୍ରାମବାସୀ ଓ ଅଭିଭାବକ ପିଲାଙ୍କୁ ନ ପଠାଇ ପ୍ରତିବାଦ କରିଛନ୍ତି। ଜିଲାଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଲାଗୁ ନ ହେବା ଯାଏ ଏଭଳି ପ୍ରତିବାଦ ଜାରି ରହିବ ବୋଲି ଅଭିଭାବକଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସକାଳ ୧୦ ରୁ ଆପରାହ୍ନ ୪ ପର୍ଯ୍ୟନ୍ତ ବିଦ୍ୟାଳୟର ଶ୍ରେଣୀ ଗୃହ ଖୋଲା ରଖି ଅପେକ୍ଷା କରିଥିବା ପ୍ରଧାନ ଶିକ୍ଷକ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି।

## ପରବ -୨୦୨୪ ପ୍ରସ୍ତୁତି ବୈଠକ

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ଲୋକ ମହୋତ୍ସବ ପରବ-୨୦୨୪ ଉଦ୍‌ଘାଟନୀ ଉତ୍ସବ ନେଇ ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଦୁଧାରୀ ପଞ୍ଚାୟତର ମୋଲି ମା’ ମନ୍ଦିର ନିକଟରେ ଅକ୍ଟୋବର ୨୭ରୁ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଏ ନେଇ ବ୍ଲକ୍ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜାରି ରହିଛି। ବୈଠକରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗ ଦେଇଥିଲେ। ମା’ଙ୍କ ମନ୍ଦିର ପ୍ରାୟ ୨ଶହ ବର୍ଷ ପୁରୁଣା ମନ୍ଦିର। ପରବ ମାଧ୍ୟମରେ ଏହା ଦେଶ ବିଦେଶରେ ପରିଚିତ ହେବ ତେଣୁ ଏହି ଜିଲାର ସମସ୍ତ ୧୪ ବ୍ଲକ ଏବଂ ୪ ପୌର ପରିଷଦରୁ ପ୍ରାୟ ୧୫ ହଜାର ଲୋକଙ୍କ ସମାଗମ ହେବା ଅନୁମାନକରି ସମସ୍ତ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ମୋଲି ମନ୍ଦିରରେ ପରବ ମଶାଲକୁ ପୂଜାର୍ଚ୍ଚନା କରିବା ପରେ ସେଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ପଡ଼ିଆରେ ସ୍ଥାପନା କରିବାକୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେଠାରେ ପରବ-୨୦୨୪ର ବିଭିନ୍ନ ଲୁକ୍କାୟିତ ପ୍ରତିଭାମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ସେମିଳିଗୁଡ଼ା ବ୍ଲକ୍ ଅଧକ୍ଷା ଲିଲି ଅଣ୍ଡାବିରିଆ, ଉପାଧକ୍ଷ ଶିବା ବାଙ୍ଗାରି,ଜୋନ୍-୨ ଜିଲା ପରିଷଦ ସଦସ୍ୟ ମୋହନ ଜାନୀ,ବିଡିଓ ଦେବାଶିଷ ଗୌଡ଼,ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସିଡିପିଓ



ବୈଠକରେ ପରବ-୨୦୨୪ ନେଇ ଆଲୋଚନା କରାଯାଉଛି।

ପରବକୁ ଆମେ ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ମତ ରଖିଥିଲେ। ଏହା ବ୍ୟତୀତ ବିଜୁଳି,ପାଣି,ସ୍ୱାସ୍ଥ୍ୟ,ରାସ୍ତାଘାଟ ଭଳି ବ୍ୟବସ୍ଥାକୁ ସୁଚାରୁ ରୂପେ ବିଭାଗ ଧ୍ୟାନଦେବାକୁ ଅନୁରୋଧ କରିଥିଲେ। ବିନୋଦିନୀ ବେହେରା, ବିଏସ୍ଏସ୍ଓ ଟି. ସୁରଭି,ଏଇଇ ଶିବପ୍ରସାଦ ପାଢ଼ୀ, ସେମିଳିଗୁଡ଼ା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ସମେତ ବ୍ଲକ୍‌ର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ଅନ୍ୟ କର୍ମଚାରୀ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରକୁ ନାହିଁ ରାସ୍ତା,ରୋଗୀ ଅସନ୍ତୁଷ୍ଟ

ସୁନାବେଡା/ସେମିଳିଗୁଡା,୨୧।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଦୁଧାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନୂଆ ରୂପ ଦିଆଯାଇ ଥିଲେ ମଧ ତାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନାହିଁ। ଫଳରେ ରୋଗୀଙ୍କୁ ନେଇ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଏକ ଛୋଟିଆ ପାହାଡ ଉପରେ ହୋଇଥିବାରୁ ପଞ୍ଚାୟତ ସହ କୋରାପୁଟ ବ୍ଲକ ଦୁମୁରି ପଦର ଓ ନାରାୟଣପାଟଣା ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ବିଦ୍ୟୁତ ସଂଯୋଗ ନ ଥିବାରୁ ସେଠାରେ ଗଚ୍ଛିତ ସାପ ଓ କୁକୁର କାମୁଡା ଇଞ୍ଜେକସନକୁ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଫ୍ରିଜରେ ରଖାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ଚାରିପାଖ ଖୋଲା ଥିବାରୁ ରାତିରେ ବନ୍ୟଜନ୍ତୁଙ୍କ ଭୟ ରହୁଥିବା ଡାକ୍ତର ଓ କର୍ମଚାରୀ କହିଛନ୍ତି। ସାପ କାମୁଡା ରୋଗୀଙ୍କୁ ଇଞ୍ଜେକସନ ଦେବା ପାଇଁ ଦେଢ କିଲୋମିଟର ଦୂରରେ ଥିବା ପୁରୁଣା



ଏଠାକୁ ଚିକିତ୍ସା ହେବାକୁ ଆସୁଥିବା ରୋଗୀଙ୍କୁ ଅଧ କିଲୋମିଟର ଚାଲି ଚାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନ ଥିବା ବେଳେ ପିଇବା ପାଣିର ମଧ ସୁବିଧା ନ ଥିବାରୁ ରୋଗୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ପୂର୍ବରୁ ଗାଁ ଆରମ୍ଭରେ ଥିବା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ୬୧,୩୩,୫୮୯ ଟଙ୍କା ଖର୍ଚ୍ଚ କରି ନୂତନ ଭାବେ ପାହାଡ ଉପରକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଦ୍ୟୁତ,ପାନୀୟ ଜଳ ଓ ରାସ୍ତା ସଂଯୋଗ କରାଯାଇ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସେମିଳିଗୁଡା ବ୍ଲକର ଦୁଧାରୀ,ପାକଖୋଲା,କାଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡିବାକୁ ପଡୁଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହୋଇ ଯାଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ରାତିରେ ଓ ବର୍ଷାଦିନେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କଷ୍ଟସାଧ ହେଉଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ) ସୁଶାନ୍ତ ଦାସଙ୍କୁ ପଚାରିବାରୁ ଫେବର ବ୍ଲକ ରାସ୍ତା ତିଆରି ପାଇଁ ପ୍ରକ୍ରିୟା ସରିଛି। ଶୀଘ୍ର ତିଆରି କାର୍ଯ୍ୟ ଆରମ୍ଭ ହେବ। ଏଥିସହ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ନବଭାରତ ସାକ୍ଷରତା ପରୀକ୍ଷା ଦେଲେ ୧୫,୧୧୯ ନିରକ୍ଷର

କୋରାପୁଟ,୨୧।୧୦(ଅମିତାଭ ବେହେରା)

କୋରାପୁଟ ଜିଲାର ୧୪ ବ୍ଲକର ୬୫୩ କେନ୍ଦ୍ରରେ ୧୫,୧୧୯ ନିରକ୍ଷର ନବଭାରତ


ପରୀକ୍ଷାର୍ଥୀ ସାକ୍ଷରତା ପରୀକ୍ଷା ଦେଉଛନ୍ତି।

ମୌଳିକ ସାକ୍ଷରତା ପରୀକ୍ଷା ଦେଇଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ପରୀକ୍ଷାରେ ଯୋଗ ଦେଇଥିବା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ସୂଚନା ଦେଇଛନ୍ତି। ସେଥିରୁ ୯୭୨୪ ମହିଳା ଥିବା ବେଳେ ୫୩୯୫ ପୁରୁଷ ଓ ବୋରିଗୁମ୍ମା ବ୍ଲକରେ ସର୍ବାଧିକ ୨୭୩୪ ପରୀକ୍ଷାରେ ଯୋଗ ଦେଇଥିଲେ। ପରୀକ୍ଷାର୍ଥୀମାନଙ୍କୁ ଉଲ୍ଲାସ ନାମକ ପୁସ୍ତକ ବଣ୍ଟନ କରାଯାଇଥିଲା। ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଧାନ, କୋରାପୁଟ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ,ସେମିଳିଗୁଡା ବ୍ଲକ ଶିକ୍ଷାଧିକାରୀ ଚମେଲି ମଜୁମଦାର, ଦଶମନ୍ତପୁର ବ୍ଲକ ଶିକ୍ଷାଧିକାରୀ ଦୟାସିନ୍ଧୁ ବାଘଙ୍କ ସମେତ ନିଜ ବ୍ଲକରେ ସହାୟକ ବ୍ଲକ ଶିକ୍ଷାଧିକାରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ପରିଦର୍ଶନ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର


ଜନଶୁଣାଣି ଶିବିରରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀ।

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ, ଜିପିଓ ଭାଗୀରଥି ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା, ସରପଞ୍ଚ ଶୁଶିଳା ନାୟକ, ଏପିଓ ସନ୍ତୋଷୀ ମହାପାତ୍ରଙ୍କ ସହ ଅନ୍ୟାଲାଇନର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାସ୍ତା ମରାମତି, ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ,ନିର୍ମାଣ ହୋଇଥିବା ହାଟକୁ କାର୍ଯ୍ୟକ୍ଷମ କରିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ଅଧିକାରୀମାନଙ୍କୁ ଅଭିଯୋଗ ଜଣାଇଥିବା ବେଳେ ବିଭିନ୍ନ ମୌଳିକ ସମସ୍ୟା ଶୁଣାଣି ହୋଇଥିଲା। ବିଭିନ୍ନ ଯୋଜନାର ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

## ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ



ବିଧାୟକ ତାରା ପ୍ରସାଦ ବାହିନୀପତି ଜଣେ ମହିଳାଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ତହସିଲ ପକ୍ଷରୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଧାୟକ ତାରା ପ୍ରସାଦ ବାହିନୀପତି,ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ତହସିଲଦାର ସବ୍ୟସାଚୀ ଜେନା, ସରପଞ୍ଚ ପଦ୍ମା ନନ୍ଦି ବାଲ, ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ଦିଲ୍ଲୀପ କୁମାର ପ୍ରଧାନ,ରାଜସ୍ୱ ନିରୀକ୍ଷକ ସୁରଜ କୁମାର ପଣ୍ଡା,ଦୀପ୍ତି ଗିରି ଓ ସସ୍ମିତା ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବାରିଣିପୁଟ ପଞ୍ଚାୟତର ୪୯ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି।

## ଜୁଆ ଆଡ୍ଡାରେ ଚଢାଉ,୫ ଗିରଫ

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ଅନ୍ତର୍ଗତ ମୁଳାସରରେ ଜୁଆ ଖେଳ ଚାଲୁଥିବା ବେଳେ ସଦର ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ୫ ହଜାର ୬ ଶହ ୩୦ ଟଙ୍କା ଜବତ କରିଥିବା ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ବୈପାରିଗୁଡାରେ ବଜ୍ରପାତରେ ୨ ମୃତ

କୋରାପୁଟ,୨୧।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଦଣ୍ଡାବାଡି ଅଞ୍ଚଳର ଜଣେ ମହିଳା କୁମାରୀ ବଗଡାଇ ଓ କାଠରଗଡା ପଞ୍ଚାୟତର ଜଗନ ପାଇକ। ଦଣ୍ଡାବାଡି ପଞ୍ଚାୟତର ଗଦରୀପଦର ଗ୍ରାମରେ ରୋଷେଇ କରୁଥିବା ବେଳେ ହଠାତ ବଜ୍ରପାତରେ କୁମାରୀ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ପରେ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦୋରାଗୁଡା ପଞ୍ଚାୟତର ବେରଗାଁ ଗ୍ରାମରେ ଜଗନ ପାଇକ ନାମକ ଜଣେ ଯୁବକ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଥିବା ଜଣାପଡିଛି।

## ଉଡାନ ଯୋଜନାର ବାର୍ଷିକ ଉତ୍ସବ

ଜୟପୁର,୨୧।୧୦(ପବନ ପାଣିଗ୍ରାହୀ)

ଜୟପୁର ଏୟାରପୋର୍ଟରେ ଉଡାନ ଯୋଜନାରେ ୮ ବର୍ଷ ପୂର୍ତ୍ତି ଉତ୍ସବ ସୋମବାର ପାଳନ କରାଯାଇଛି। ୧୨ଟା ୩୦ ମିନିଟ ସମୟରେ ଏୟାରପୋର୍ଟ ଟର୍ମିନାଲରେ କେକ୍ କାଟି ପାଳନ କରାଯାଇଛି। କାଯ୍ୟକ୍ରମରେ ଏୟାରପୋର୍ଟ ନିର୍ଦ୍ଦେଶକ ଅବକାଶ ପରିଡା, ସେଫ୍ଟି ମ୍ୟାନେଜର ସିମାଞ୍ଚଳ ସାହୁ ଓ ଟର୍ମିନାଲ ମ୍ୟାନେଜର ଅମିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

କୋରାପୁଟ,୨୧।୧୦(ଅମିତାଭ ବେହେରା)

କୋରାପୁଟ ପୋଲିସ ପ୍ୟାରେଡରେ ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନିତୀନ ଶେଖର, ଅତିରିକ୍ତ ଏସପି ଶ୍ରୀକାନ୍ତ ବେହେରା ଶହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନାମ ଅନୁସାରେ ସ୍ମୃତିଚାରଣ କରିଥିଲେ। ଶହୀଦ ପରିବାରଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ସହ ଆଲୋଚନା କରିଥିଲେ। କର୍ତ୍ତବ୍ୟରେ ଆଦର୍ଶ ଆଚରଣ ସହ ଜନସାଧାରଣଙ୍କ ସହ ବନ୍ଧୁତ୍ୱ ଭାବ ଜାତ କରିବା ପାଇଁ ପୋଲିସ କର୍ମଚାରୀଙ୍କୁ ଡିଆଇଜି ପରାମର୍ଶ ଦେଇଥିଲେ। ସିପାହୀମାନେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ପ୍ରଦାନ କରି ତାଙ୍କୁ ସଲାମ କରିଥିଲେ।


ଶହୀଦଙ୍କୁ ସଲାମ ଦିଆଯାଉଛି।

# ମୋବାଇଲରେ ବ୍ୟସ୍ତ ରହିବାରୁ ଅତିରିକ୍ତ ଜିଲାପାଳଙ୍କ ଅସନ୍ତୋଷ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି
- ଅଧିକାରୀମାନେ ଅଭିଯୋଗକୁ ଦେଲେନି ଗୁରୁତ୍ୱ

ପଟ୍ଟାଙ୍ଗି,୨୧।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଆଲମଣି ସେଠୀ ଶୁଣିଥିଲେ। ଏହି ସମୟରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମକୁ ଗୁରୁତ୍ୱ ନ ଦେଇ ମୋବାଇଲ ଫୋନ ଦେଖିବାରେ ବ୍ୟସ୍ତ ରହିଥିଲେ। ଏହା ଜଣାପଡିବା ପରେ ଅତିରିକ୍ତ ଜିଲାପାଳ ସେଠୀ ଅସନ୍ତୋଷ ପ୍ରକାଶକରି ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯେପରି ଜିଲା ଅଧିକାରୀ ଏବଂ କର୍ମଚାରୀ ଏଥି ପ୍ରତି ଗୁରୁତ୍ୱ ଦେବେ ସେ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ଅନ୍ୟପକ୍ଷରେ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଆସିଥିବା ୬୩ ଅଭିଯୋଗରୁ ବ୍ୟକ୍ତିଗତ ୬ଟି ଥିବା ବେଳେ ୫୭ ଗୋଷ୍ଠୀ ଗତ ରହିଥିଲା। ଏଥିରୁ ଜୟପୁର ଟାଉନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ସୁନାଧର ଖିଲ



ଜନଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି ।

ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ଝିଅ କ୍ୱନା ଖିଲ ଚାକିରି ପାଇଁ ଲିଖିତ ଅଭିଯୋଗ କରିଥିଲେ। ସେହିପରି କୋଟିଆ ପଞ୍ଚାୟତରେ ଥିବା ସ୍ୱତନ୍ତ୍ର ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନ ଥିବା ସହ ଗତ ୧୫ ତାରିଖରୁ ନେଟୱର୍କ ସମସ୍ୟା ସମ୍ପର୍କରେ ଶିକ୍ଷକ ପ୍ରତାପ ଖାଲକେ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ।

ସେହିଭଳି କୋଟିଆ ପଞ୍ଚାୟତ ତଳକାଣ୍ଟି ଗ୍ରାମରେ ବିଦ୍ୟୁତ୍ ନ ଥିବାରୁ ପାନୀୟଜଳ ଯୋଗାଣରେ ଅସୁବିଧା ନେଇ ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ପଟ୍ଟାଙ୍ଗି ପଞ୍ଚାୟତ ଅଧିନ ବିଟୁଗୁଡା ଗ୍ରାମରେ ନେଟୱାର୍କ ସହ ଦୀର୍ଘ ଦିନ ହେଲା ଗ୍ରାମକୁ ସଂଯୋଗ କରିଥିବା ରାସ୍ତାର ଉନ୍ନତିକରଣ ହୋଇନଥିବାରୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ସେପଟେ ଆନ୍ଧ୍ର ସୀମାନ୍ତ ସମ୍ବାଇ ପଞ୍ଚାୟତରେ ଦୀର୍ଘ ୨ ମାସ ପୂର୍ବରୁ ଜିଓ ଟାୱାର ନିର୍ମାଣ ସରିଥିଲେ ମଧ ନେଟୱର୍କ ଆସୁନଥିବା ନେଇ ଅଭିଯୋଗ ହୋଇଥିଲା । ସ୍ଥାନୀୟ ଲ୍ୟାମ୍ପ୍ସରେ ମାଣ୍ଡିଆ ଓ ମକା ଫସଲ ନିମନ୍ତେ ମଣ୍ଡି ନ ଥିବାରୁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଯୋଗ ସମ୍ପର୍କରେ ଏଡିଏମ୍ ସେଠୀ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଦେଓପଟ୍ଟାଙ୍ଗି ପଞ୍ଚାୟତ ବାଡଁଶଗୁଡାରୁ ସଲପଗୁଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରଣ କରାଯାଉନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ଆଲମେ ଫୁଲ ଏବଂ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପଟ୍ଟାଙ୍ଗି ଥାନା ପାହାଡ଼ ଉପରେ ହୋଇଥିବା ବେଳେ ଏଠାକୁ ଯିବାପାଇଁ ଭଲ ରାସ୍ତା ଏବଂ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ଅସୁବିଧା ସମ୍ମୁଖୀନ ହେଉଥିବା ନେଇ ଲିଖିତ ଅଭିଯୋଗ କରି ଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ।

କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ବେହେରା, ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀ, ଅବକାରୀ ଉପ ଅଧୀକ୍ଷକ ଶିବାନୀ ଆନନ୍ଦ, ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ଉପଜିଲାପାଳ ବେଣୁଧର ଶବର, ସିଡିଓ ଦେବାଶିଷ ପଟ୍ଟନାୟକ, ସିଡିଏମଓ ସୁଶାନ୍ତ କୁମାର ଦାଶ, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସରିବାପରେ ୨ ଜଣଙ୍କୁ ହୁଇଲ ଚେୟାର, ୧୦ ଜଣଙ୍କୁ ନୂତନ ପେନସନ ପ୍ରଦାନ କରାଯାଇଥିଲା।

# ତଦନ୍ତ ଆରମ୍ଭ କଲା ସ୍ୱାସ୍ଥ୍ୟ ବିଭାଗ

■ ଅର୍ବାନ ପିଏଚ୍‌ସିରେ ଡାକ୍ତର ନିୟମିତ ନ ରହିବା ଘଟଣା
■ ଧରିତ୍ରୀ ପ୍ରଭାବ

ରାୟଗଡ଼ା,୨୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ରିଂ ରୋଡସ୍ଥିତ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରରେ ଡାକ୍ତର ନ ଥିବା ଘଟଣା ନେଇ ୨୦ ତାରିଖରେ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀରେ 'ଛୁଟିରେ ଡାକ୍ତର, ଷ୍ଟାଫନର୍ସଙ୍କ ଭରସାରେ ଅର୍ବାନ ପିଏଚ୍‌ସି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସୋମବାର ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ଚୌଧୁରୀ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ୍ତ ସୁବୁଦ୍ଧି ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରରେ ତଦନ୍ତ କରିଛନ୍ତି। ଦୁଇ ଅଧିକାରୀ ସେଠାରେ ନିଯୁକ୍ତ ଡାକ୍ତର କୁଣ୍ଠୁଙ୍କ ଘଟଣା ବିଷୟରେ ପଚାରିବା ସହିତ କେଉଁ କାରଣରୁ ସେଠାରେ ନିଯୁକ୍ତ ଡାକ୍ତର ରୋହିତ କୁଣ୍ଠୁ ନିୟମିତ ସେବା ପ୍ରଦାନ କରୁନାହାନ୍ତି ସେ ନେଇ ତଦନ୍ତ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଉକ୍ତ ମେଡିକାଲକୁ ନେଇ ଜିଲାପାଳ ପାରୁଲ ପଟାୱରୀ ମଧ୍ୟ ଘୋର ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ଜିଲାପାଳ ପାରୁଲ ସ୍ୱାସ୍ଥ୍ୟ ସେବାରେ ବିଳମ୍ବ ହେଉଥିବା କାରଣ ପଚାରିବା ସହିତ ତାଗିଦ୍ ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ସିଡିଏମଓ ଡା. ରାଉତରାୟଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଏବଂ ଏଥିରେ କୌଣସି ଅବହେଳା କରାଯିବ ନାହିଁ ବୋଲି କହିଛନ୍ତି।

ପ୍ରକାଶ ଥାଉକି, ପୂର୍ବରୁ ମଧ୍ୟ ସହରର ବୁଦ୍ଧିଜୀବୀ ଡା. କୁଣ୍ଠୁଙ୍କ ମେଡ଼ିକାଲରେ ଅନୁପସ୍ଥିତି ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ତେବେ ଗତ ଶନିବାର ମେଡ଼ିକାଲରେ ଡାକ୍ତର ନ ଥିବା ଏବଂ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତଦନ୍ତ ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ।


ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରରେ ତଦନ୍ତ କରୁଛନ୍ତି।

## ଶିବମନ୍ଦିରକୁ ଆସୁଥିଲେ, ଅଟୋ ଓଲଟି ଯୁବତୀ ମୃତ

### ୫ ଯାତ୍ରୀ ଆହତ

ମୁନିଗୁଡ଼ା,୨୧।୧୦ (ନନ୍ଦକିଶୋର ପଟ୍ଟନାୟକ)

କାର୍ତ୍ତିକ ମାସର ପ୍ରଥମ ସୋମବାର ହୋଇଥିବାରୁ ପ୍ରାୟ ୧୦ ଶ୍ରଦ୍ଧାଳୁ ଏକ ଅଟୋ ଯୋଗେ ଶିବ ମନ୍ଦିରକୁ ଯାଉଥିଲେ। ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୫ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାରକରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ମୁନିଗୁଡ଼ା ଥାନା ଆଇଆଇସି ସୌଦାମିନୀ ବେହେରା ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।


ଆହତଙ୍କୁ ମେଡିକାଲକୁ ନିଆଯାଉଛି।

ସୂଚନା ଅନୁଯାୟୀ, କାର୍ତ୍ତିକ ମାସର ପ୍ରଥମ ସୋମବାର ହୋଇଥିବାରୁ ଯାତ୍ରୀବାହୀ ଅଟୋଟି ଚନ୍ଦ୍ରପୁର ଥାନା ଅନ୍ତର୍ଗତ ପିସ୍କାପଙ୍ଗା ପଞ୍ଚାୟତର ହିରବା ଅଞ୍ଚଳରୁ ପ୍ରାୟ ୧୦ ଜଣ ଯାତ୍ରୀଙ୍କୁ ନେଇ ମୁନିଗୁଡ଼ା ନିକଟସ୍ଥ କୁମୁଡ଼ାବାଲିସ୍ଥିତ ଶିବମନ୍ଦିର ଦର୍ଶନ କରିବାକୁ ଆସୁଥିଲେ। ତେବେ କୌଣସି କାରଣରୁ ଅଟୋଟି ଉନ୍‌ବୋସ୍କ ସ୍କୁଲ ନିକଟରେ ଭାରସାମ୍ୟ ହରାଇ ହଠାତ୍ ରାସ୍ତାକଡ଼କୁ ଓଲଟି ପଡିଥିଲା। ଫଳରେ ତୁଳସୀ କୁସୁଲିଆ (୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟ ଆହତଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉଥିବା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଇଞ୍ଜିନିୟର ସଂଘ କର୍ମକର୍ତ୍ତା ଚୟନ



ବୈଠକରେ ଡିପ୍ଲୋମା ଇଞ୍ଜିନିୟର ସଂଘର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ରାୟଗଡ଼ା,୨୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ଆସୋସିଏଶନ ତରଫରୁ ରାୟଗଡ଼ା ଜିଲା ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ଡିପ୍ଲୋମା ଇଞ୍ଜିନିୟର ଓଡିଶା ଶାଖାର ସାଧାରଣ ସମ୍ପାଦକ ଇଂ ଶ୍ରୀଧର ବାରିକ ଏବଂ ଇଂ ଲାଲମୋହନ ବେହେରା ଉପସ୍ଥିତ ଥିଲେ। ରାୟଗଡ଼ା ଶାଖାର ସଭାପତି ଇଂ ରାମଚନ୍ଦ୍ର ସୁତାର ନିର୍ବାଚନ ସଭାକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ଇଂ ଶିଳା ସୋମେଶ୍ୱର ରାଓ, ସମ୍ପାଦକ ଭାବେ ଇଂ ଗିରିଜା ଶଙ୍କର ପତି, ଉପସଭାପତି ଇଂ ଜୟ ପ୍ରକାଶ ନାରାୟଣ ଭଟରାୟ, ଉପଦେଷ୍ଟା ଇଂ ରାମାକାନ୍ତ ମହାପାତ୍ର, ସହ ସମ୍ପାଦକ (ସଂଗଠନ) ଇଂ ସ୍ୱାଗତିକା ଛୁଆଲସିଂ, ସହ ସମ୍ପାଦକ(ଅର୍ଥ) ଇଂ ବୁଦ୍ଧିରାମ ମୁର୍ମୁ, ଅଡିଟର ଇଂ ଅଜିତ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି। ବୈଠକରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପଦୋନ୍ନତି, ନିଯୁକ୍ତି ପ୍ରକ୍ରିୟା, ପୁରୁଣା ପେନସନ୍ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମସ୍ତ ଦାବି ସମ୍ପର୍କରେ ସରକାରଙ୍କ ନିକଟରେ ଉପସ୍ଥାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲାର ଆଦିବାସୀ ଉନ୍ନୟନ ସଂସ୍ଥା, ପୂର୍ତ୍ତ, ପଞ୍ଚାୟତିରାଜ, ଜଳସମ୍ପଦ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଡିପ୍ଲୋମା ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

## ୫ ଜଣଙ୍କ ମଧ୍ୟରୁ ଦୁଇ ଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର

### ଜିଲା ମଙ୍ଗଳ ବିଭାଗର ପାତରଅନ୍ତର ନୀତି

ରାୟଗଡ଼ା,୨୧।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମଙ୍ଗଳ ବିଭାଗରେ ପାତରଅନ୍ତର ନୀତିରେ କାମ ଚାଲୁଥିବା ଦେଖିବାକୁ ମିଳିଛି। ରାୟଗଡ଼ା ସହର ଉପକଣ୍ଠ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲ ପରିଚାଳନା ତ୍ରୁଟିକୁ ନେଇ ଗତ ଦିନରେ ମୋଟ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଲମ୍ବିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏବେ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ସ୍ଥାନିତ କରାଯାଇଥିବା ବେଳେ ଅନ୍ୟ ୩ଜଣଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇ ନ ଥିବା ଘଟଣା ଏବେ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଓ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୱେଷା ହଷ୍ଟେଲ ପରିଚାଳନାରେ ତ୍ରୁଟିକୁ ନେଇ ପ୍ରଥମେ ୨୦୨୩ ଡିସେମ୍ବର ୧୦ ତାରିଖରେ ବିଶ୍ୱାମିତ୍ର ସୁନାଙ୍କୁ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଚଳିତ ବର୍ଷ ମେ ୨୨ତାରିଖରେ ପରିଚାଳନାଗତ ତ୍ରୁଟିକୁ ନେଇ ଦାୟିତ୍ୱରେ ଥିବା ଜଣେ ଶିକ୍ଷୟିତ୍ରୀ ଓ ୩ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା ସେମାନେ ହେଲେ ଶିକ୍ଷୟିତ୍ରୀ ଅରୁନ୍ଧତୀ ପଣ୍ଡା, ଶିକ୍ଷକ ରମାକାନ୍ତ ପଟ୍ଟନାୟକ, ଏମ୍.ଶିବ ପ୍ରସାଦ ଓ ଗୌରୀ ଶଙ୍କର ପିଡ଼ିକା। ତେବେ ନିଲମ୍ବିତ ହୋଇଥିବା ୫ଜଣଙ୍କ ମଧ୍ୟରୁ ୨ଜଣଙ୍କ ନିଲମ୍ବନ ପ୍ରତ୍ୟାହାର ହୋଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଚିଠି ନଂ ୧୮୩୩ ଓ ୨୭୮ରୁ ଜଣାପଡ଼ିଛି। ତେବେ ଅନ୍ୟ ୩ଜଣଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ନ କରିବା ତଦନ୍ତସାପେକ୍ଷ ବୋଲି ଦାବି ହୋଇଛି।

ପ୍ରକାଶ ଥାଉକି, ବିଭିନ୍ନ ସମସ୍ୟାକୁ ନେଇ ଜିଲା ମଙ୍ଗଳ ବିଭାଗ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ହଷ୍ଟେଲ ପରିଚାଳନାଗତ ତ୍ରୁଟି ହେଉ କିମ୍ବା ଶିକ୍ଷାଦାନଠାରୁ ଆରମ୍ଭ କରି ମ୍ୟାଲେରିଆ ରୋଗରେ ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭାଗ ଉପରେ ସର୍ବଦା ପ୍ରଶ୍ନ ଉଠିଥାଏ। ଅନ୍ୟପଟେ ହଷ୍ଟେଲ ଦାୟିତ୍ୱ ନେବା ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥାଏ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ପଚାରିବାରୁ ସରକାରୀ ଆବଶ୍ୟକତା ଅନୁସାରେ ବିଭାଗୀୟ ନିର୍ଦ୍ଦେଶରେ ୨ଜଣଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି ବୋଲି କହିଛନ୍ତି। ତେବେ ଦୀର୍ଘ ସମୟ ଧରି ପୂର୍ବରୁ ନିଲମ୍ବିତ ହୋଇଥିବା ଶିକ୍ଷକଙ୍କ ଆଦେଶ ପ୍ରତ୍ୟାହାର କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

## ୟୁବିଆଇର ହିନ୍ଦୀ ସମାପନ ସମାରୋହ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଭୁବନେଶ୍ୱର,୨୧।୧୦ (ଅଭୟ ଦାଶ)

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ହିନ୍ଦୀ ଉତ୍ସବ-୨୦୨୪'ର ସମାପନ ସମାରୋହ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୟୁବିଆଇର କ୍ଷେତ୍ରୀୟ ମୁଖ୍ୟ କୁନ୍ଦନ କୁମାର ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲାବେଳେ ଉପକ୍ଷେତ୍ରୀୟ ମୁଖ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇର ସ୍ଥାନୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅପରପକ୍ଷରେ ବ୍ୟୋମ ଏବଂ କ୍ୟୁଆର୍ କୋଡ୍ ସହ ଯୋଡି ହୋଇଥିବା ନୂତନ ବିଶେଷତ୍ୱ ସମ୍ପର୍କିତ ସାହିତ୍ୟ ପ୍ରକାଶ ପାଇଥିଲା। ଏପରିକି ଆଭ୍ୟନ୍ତରୀଣ ଶାଖା, ରାଜଭାଷା ସିଲ୍ଡର ବିଜେତା ଶାଖା ତଥା ହିନ୍ଦୀ ପଖୱାଡା-୨୦୨୪ ଅନ୍ତର୍ଗତ ଆୟୋଜିତ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

## ଯବାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି

### ଭାମିନିରେ ୬୯ତମ ଶହୀଦ ଦିବସ ପାଳିତ

ଗୁଣପୁର,୨୧।୧୦(ପ୍ରଦୀପ କୁମାର ପାଢ଼ୀ)

ରାମନାଗୁଡ଼ା ବ୍ଲକ୍‌ର ଭାମିନିଠାରେ ଥିବା ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ପକ୍ଷରୁ ସୋମବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦ ହୋଇଥିବା ଭାରତର ୨୧୬ ଓ ଓଡ଼ିଶାର ୨ ଯବାନଙ୍କ ସ୍ମୃତିଚାରଣକରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ସାମାଜିକ କର୍ମୀ ଅକ୍ଷୟ ଦାସ, ଥାୟାରାମ୍ମା ମହିଳା କଲେଜର ଅଧ୍ୟକ୍ଷା ସୁଜାତା ଦାସ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାମିନି ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀର ଦୁର୍ଗପତି ବ୍ରଜମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣକରି ଦେଶମାତୃକା ପାଇଁ ବଳିଦାନ ଦେଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଦେଇଥିବା ସନ୍ଦେଶ ପାଠ କରିଥିଲେ। ଏଥିସହ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳାମ୍ବର ପରିଡ଼ାଙ୍କ ସମେତ ସମସ୍ତ ଯବାନ ଉପସ୍ଥିତ ରହିଥିଲେ।


ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଅତିଥିମାନେ ଯାଉଛନ୍ତି।

## କାଶୀପୁର ବ୍ଲକ୍ ଖବରଦାତାଙ୍କ ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବରଦାତାମାନେ।

ଟିକିରି,୨୧।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଖବରଦାତାଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ଏକ ବୈଠକ ଚେରକଟାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କାଶୀପୁର ବ୍ଲକ୍ ବରିଷ୍ଠ ଖବରଦାତା ରତ୍ନାକର ନାଏକ, ବାବୁଲି ସାମନ୍ତରାୟ, ମହେନ୍ଦ୍ର ସ୍ୱାଇଁ, କ୍ଷମା ସାଗର ନାଏକ, ନିଲୁ ପାତ୍ର, ଅଞ୍ଜନ ନାୟକ ରବି ବୈଦ୍ୟ, ତେଲି ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ କାଶୀପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା କେମିତି ଲୋକଲୋଚନାକୁ ଅଣାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବ୍ଲକ୍‌ର ପ୍ରତ୍ୟେକ ଗାଁ ଗହଳିରେ ବିଭିନ୍ନ ସମସ୍ୟା ଓ ସରକାରୀ ବେସରକାରୀ କାମରେ ଦୁର୍ନୀତି ଓ ଘୋଟାଲାର ସତ୍ୟାସତ୍ୟ ବାହାରକରି ଲୋକଲୋଚନକୁ ଆଣିବାକୁ ଖବରଦାତାମାନେ ଚେଷ୍ଟା କରିବା ଆବଶ୍ୟକ ବୋଲି ରତ୍ନାକର ନାଏକଙ୍କ ସହ ବାବୁଲି ସାମନ୍ତରାୟ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଖବରଦାତା ହୃଷୀକେଶ ସାହୁ, ବାବୁଲା ସାହୁ, ପ୍ରଫୁଲ୍ଲ କୁମାର ବେହେରା, ଆକାଶ କୁମାର ନାୟକ, ସୁରେଶ ଚନ୍ଦ୍ର କୁମ୍ଭାର, ଉପେନ୍ଦ୍ର ନାଏକ, ଶିବରାମ ନାଏକ ଯୋଗଦେଇଥିଲେ। ବାବୁଲି ସାମନ୍ତରାୟ, ରବି ବୈଦ୍ୟ, ଅଞ୍ଜନ ନାୟକ, ବାବୁଲା ସାହୁଙ୍କ ସହ ସୁରେଶ ଚନ୍ଦ୍ର କୁମ୍ଭାର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ମୀନାବଜାର ସାଙ୍ଗକୁ ବୁଗିବୁଗି ଡ୍ୟାନ୍ସ ଆକର୍ଷଣ

### ମା' ଗଜଲକ୍ଷ୍ମୀଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଅମ୍ବାଦଳା,୨୧।୧୦(ରବୀନ୍ଦ୍ର ପଣ୍ଡା)

ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ୬ଷ୍ଠ ଦିନରେ ପହଞ୍ଚିଛି। ମା'ଙ୍କ ଆଳତି ଦେଖିବାକୁ ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ମୁନିଗୁଡ଼ା ବ୍ଲକ୍ ସହ ପଡ଼ୋଶୀ କଳାହାଣ୍ଡି, କନ୍ଧମାଳ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମା'ଙ୍କ ଆଳତି ପରେ ଶ୍ରଦ୍ଧାଳୁ ମିନାବଜାର ବୁଲି ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ କିଣୁଥିବା ବେଳେ କିଏ ସୁଆଦିଆ ଚଟ୍‌ପଟି ଖାଦ୍ୟ, ଫାଷ୍ଟଫୁଡ୍‌ର ମଜା ନେଉଥିବାବେଳେ ଆଉ କିଏ ବିଭିନ୍ନ ପ୍ରକାର ଦୋଳିର ମଜା ନେଉଛନ୍ତି। ମା'ଙ୍କ ପୂଜା ୧୧ ଦିନ ଧରି ଚାଲିବାକୁ ଥିବା ବେଳେ ଦର୍ଶକଙ୍କୁ ଭକ୍ତି ବନ୍ଧନରେ ବାନ୍ଧି ରଖିବା ପାଇଁ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ପ୍ରତ୍ୟେକ ଦିନ ମା'ଙ୍କ ଆଳତି ପରେ ବୁଗିବୁଗି ନୃତ୍ୟ ପରିବେଷଣ କରାଯାଉଛି। ରଙ୍ଗିନ ତୋରଣ ସାଙ୍ଗକୁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଆଲୋକ ମାଳାରେ ରାଜରାସ୍ତା ସଜେଇହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରାଙ୍କ ନିର୍ଦ୍ଦେଶରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।


ଅମ୍ବାଦଳାରେ ମା' ଗଜଲକ୍ଷ୍ମୀ ପୂଜା ତୋରଣ।

## ଶହୀଦ ଦିବସ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଅଣଦେଖା ଅଭିଯୋଗ

ଜେକେପୁର, ୨୧।୧୦(ରାଜେଶ ବିଶ୍ୱାଳ)

ଜେକେପୁର ସ୍ଥିତ ରିଜର୍ଭ ପୋଲିସ ପଡିଆରେ ଚାନ୍ଦିଲି ଥାନା ତରଫରୁ ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖବରଦାତାମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାୟଗଡା ଜିଲା ସୂଚନା ଅଧିକାରୀ ଗ୍ରୁପ ମାଧ୍ୟମରେ ନିମନ୍ତ୍ରଣପତ୍ର ଦେଇ ସକାଳ ୮ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ନେଇ ସୂଚିତ କରିଥିଲେ। ସୋମବାର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଅଞ୍ଚଳର କାର୍ଯ୍ୟରତ ଖବରଦାତାମାନେ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ କାର୍ଯ୍ୟକ୍ରମ ସରି ଯାଇଥିଲା। ଏପରି ଅଣଦେଖା ଏବଂ ଅସମ୍ମାନଜନକ ପରିସ୍ଥିତିରେ ସମ୍ମୁଖୀନ ହୋଇ ଖବରଦାତାମାନେ ସେଠାରୁ ଫେରି ଆସିଥିଲେ। ଏହି ଘଟଣାକୁ ନେଇ ଖବରଦାତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର, ୨୧।୧୦(ବିଜୟ ପ୍ରସଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ଟି ସାମୂହିକ ଏବଂ ୬ଟି ବ୍ୟକ୍ତିଗତ ମୋଟ ୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ୨ବର୍ଷ ହେଲାଣି ବସଷ୍ଟାଣ୍ଡ ନିକଟ ସାହିରେ ଏକ ନୂତନ ନଳକୂପ ଖନନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ଲାଟଫର୍ମ ନିର୍ମାଣ ହୋଇ ନ ଥିବାରୁ ନଳକୂପ ନିକଟରେ ଅସନାପାଣି ଜମି ରହୁଥିବା ଅଭିଯୋଗ ହୋଇଛି। ଏଥିସହ ପାଣ୍ଡରାଖାଲ ଗ୍ରାମରେ ସ୍କୁଲ ପାଚେରି ନିର୍ମାଣ, ସମଗ୍ର ପଞ୍ଚାୟତରେ ଅଧିକାଂଶ ସମୟ ବିଜୁଳି ବିଭ୍ରାଟ, ସିସି ରାସ୍ତା ନିର୍ମାଣ ନେଇ ଅଭିଯୋଗ କରାଯାଇଥିଲା। ଏଥିରେ ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲିକ, ସରପଞ୍ଚ ଅନିତା ଶବର, ବ୍ଲକ ଅଧ୍ୟକ୍ଷ କୈନ କିମାକା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ପଞ୍ଚାୟତ ପିଇଓ, ରାଜେନ୍ଦ୍ର କୁମାର ପାଳ, ଏବିଇଓ, ଉମାକାନ୍ତ ମିଶାଲ, ସିଡିପିଓ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ, ଉଦ୍ୟାନ ବିଭାଗର ସମ୍ପ୍ରସାରଣ ଅଧିକାରୀ ପ୍ରତୀକ ସେନାପତି, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା, ଜିଆର୍‌ଏସ୍ ଉମାକାନ୍ତ ନିମଳପୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକଶ ପାଇଥିଲା।


ଅଧିକାରୀ ଓ ଜନପ୍ରତିନିଧି ଅଭିଯୋଗ ଶୁଣାଣି କରୁଛନ୍ତି।

## ବୋଲେରୋ-ବାଇକ୍ ଦୁର୍ଘଟଣା, ୨ ଗୁରୁତର

ଟିକିରି,୨୧।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ନାରିଙ୍ଗଯୋଡି ଛକ ନିକଟରେ ଏକ ବୋଲେରୋ ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ହେବାରୁ ୨ବାଇକ ଗୁରୁତର ଆହତ ହୋଇଛନ୍ତି। ଉଭୟ ଗୁରୁତର ଗୋବିନ୍ଦ ଝୋଡିଆ, ଓ କେଶବ ଝୋଡିଆ କାକୁଡ଼ିପଦର ଗ୍ରାମର ବୋଲି ସୂଚନା ମିଳିଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଉଷାପଡାସ୍ଥିତ ଉତ୍କଳ ଆଲୁମିନା ମେଡିକାଲରେ ଭର୍ତ୍ତି କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ବିଷୟରେ ଆହତଙ୍କ ପରିବାର ଲୋକେ ଅଣ୍ଡରାକଞ୍ଚ ଥାନାରେ ଅଭିଯୋଗ କରିଥିବା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୭ ବିଦ୍ୟାଳୟରୁ ଭାଗନେଲେ ୧୭୪ ଛାତ୍ରୀଛାତ୍ର

### ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ କଳା ଉତ୍ସବ

ରାୟଗଡା,୨୧।୧୦ (ଭାଗ୍ୟଶ୍ରୀ ମିଶ୍ର)



ପ୍ରତିଯୋଗିତାରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡ଼ାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ସୋମବାର କ୍ଲଷ୍ଟରସ୍ତରୀୟ କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ରାୟଗଡା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରାଜରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡା, ଗୁଣପୁର, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ସୁନାବେଡାରୁ ପ୍ରାୟ ୧୭୪ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି କଳା ଉତ୍ସବରେ ୪୮ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ଆଗାମୀ ୨୮, ୨୯ ତାରିଖରେ କଟକଠାରେ ଆୟୋଜିତ ଆଞ୍ଚଳିକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଚିନ୍ମୟୀ ମହାନନ୍ଦ ଏବଂ ଗ୍ରନ୍ଥକାର, ଗବେଷକ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଦ୍ୱିତୀ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ପାଠ ସହ ଏସବୁ ପ୍ରତିଯୋଗିତାରେ ଭାଗନେଲେ ପିଲାଙ୍କ ଅନ୍ତର୍ନିହିତ ଲୁକ୍କାୟିତ ପ୍ରତିଭା ବିକଶିତ ହେବ ବୋଲି ଡେପୁଟି କଲେକ୍ଟର ମହାନନ୍ଦ କହିଥିବାବେଳେ ପିଲାଙ୍କୁ କଳା ପ୍ରତି ଆଗ୍ରହ ଉପରେ ଶିକ୍ଷକ ସାହୁ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ. ରମେଶ ସାହୁ ସ୍ୱାଗତ ଭାଷଣ ରଖିଥିଲେ। ଏଥିରେ ମୋଟ ୧୨ଟି ପ୍ରତିଯୋଗିତା ଏକକ ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଦଳଗତ ସଙ୍ଗୀତ, ସଙ୍ଗୀତ ଉପକରଣ ଚାଳନା, ଥିଏଟର, ସ୍କୋଲ୍ପଆର୍ଟ, ୨ଡି ଆର୍ଟ, ୩ଡି ଆର୍ଟ କ୍ଲାସିକାଲ ଡ୍ୟାନ୍ସ, ଭୋକାଲ ସଙ୍ଗ୍, ଡ୍ରାମା ଆୟୋଜିତ ହୋଇଥିଲା। ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଡିପି ଦାସ, ପ୍ରୀତି ଟିକେ, ଦିଲୀପ ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ସ୍କୁଲ ନ ଯାଇ ଗଛମୂଳେ ପଢୁଛନ୍ତି ଛାତ୍ରୀଛାତ୍ର

**ଉମରକୋଟ, ୨୧।୧୦**
**(ସନ୍ତୋଷ ଶତପଥୀ)**

ନବରଙ୍ଗପୁରରେ ଜିଲାଭିତ୍ତିକ ଶିକ୍ଷକ ନିଯୁକ୍ତିକୁ ନେଇ ଅଭିଭାବକଙ୍କ ସମର୍ଥନ ବଢୁଛି। ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲା ବନ୍ଦ, ସ୍କୁଲରେ ନୂତନ ଶିକ୍ଷକଙ୍କ ଯୋଗଦାନକୁ ବିରୋଧ ପରେ ମଧ୍ୟ ସରକାର ଦାବିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲ ପଠାଉ ନାହାନ୍ତି। ଦଶହରା ଛୁଟି ପରେ ଶୁକ୍ରବାରରୁ ସ୍କୁଲ ଖୋଲିଥିବାବେଳେ ସେବେଠାରୁ ହିଁ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି। ସୋମବାର ସ୍କୁଲ ଖୋଲିବାର ତୃତୀୟ ଦିନରେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତସ୍ଥିତ ସିରଲିଗୁଡ଼ା ଗ୍ରାମବାସୀ ପିଲାଙ୍କୁ ସ୍କୁଲ ପଠାଇ ନ ଥିଲେ। ପିଲାମାନଙ୍କ ପାଠପଢ଼ା ଯେଭଳି ପ୍ରଭାବିତ ନ ହେବ ସେଥିପାଇଁ ଏକ ଗଛମୂଳେ ଗାଁର ଶିକ୍ଷିତ ଯୁବତୀଯୁବକ ସେମାନଙ୍କୁ ପଢ଼ାଉଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ର ଗଛ ମୂଳେ ପଢୁଥିବା ଖବର ପାଇ ସିରଲିଗୁଡା ସ୍କୁଲ ପ୍ରଧାନଶିକ୍ଷକ ଦିବ୍ୟରଞ୍ଜନ ସୁନାନୀ ଘଟଣାସ୍ଥଳକୁ ଆସି ଅଭିଭାବକଙ୍କୁ ବୁଝାଇ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅନୁରୋଧ କରିଥିଲେ। ଅଭିଭାବକମାନେ କିନ୍ତୁ ନିଜ ଜିଦ୍‌ରେ ରହିଥିଲେ। ଯେବେ ପର୍ଯ୍ୟନ୍ତ ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ସରକାର ଦାବି ମାନି ନାହାନ୍ତି ସେତେଦିନ ଧରି ପିଲାଙ୍କୁ ସ୍କୁଲ ଛାଡିବୁ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ଘଟଣାକୁ ନେଇ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ଉମରକୋଟ ବ୍ଲକର ୧୮୩ ସ୍କୁଲରେ ପାଠପଢ଼ା ଚାଲିଥିଲା। ୯୫ ସ୍କୁଲକୁ ପିଲା ଆସି ନ ଥିବାରୁ ପାଠପଢ଼ା ହୋଇ ନ ଥିବା ସେ କହିଛନ୍ତି।

**ଜିଲାଭିତ୍ତିକ ନିଯୁକ୍ତି ଦାବିରେ ପିଲାଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି ଅଭିଭାବକ**



ସିରଲିଗୁଡ଼ା ଗାଁରେ ପିଲାମାନେ ସ୍କୁଲ ନ ଯାଇ ଗଛତଳେ ପଢୁଛନ୍ତି।

## ବ୍ଲକ ଆଗରେ ଯୁବଗୋଷ୍ଠୀଙ୍କ ଧାରଣା

**କୋଷାଗୁମୁଡ଼ା, (ପ୍ରସାଦ ବିଷୋୟୀ)**

ଜିଲାଭିତ୍ତିକ ନିଯୁକ୍ତି ଦାବି ନବରଙ୍ଗପୁରରେ ଜୋର ଧରିଛି। କୋଷାଗୁମୁଡ଼ା ବ୍ଲକରେ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ପଠାଉ ନାହାନ୍ତି। ଶିକ୍ଷିତ ଯୁବତୀ ଯୁବକମାନେ କୋଷାଗୁମୁଡ଼ା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ବ୍ଲକରେ ମୋଟ ୫୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଥିଲେ। କିନ୍ତୁ ମିଳିତ କ୍ରୀୟାନୁଷ୍ଠାନ ସଦସ୍ୟ ଓ ବ୍ଲକବାସୀଙ୍କ ବିରୋଧ ଯୋଗୁ କେବଳ ନବରଙ୍ଗପୁର ଜିଲାର ୧୦ ଜଣ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରତ୍ୟେକ ଗାଁରେ ଗ୍ରାମ ବାସୀ ଏକାଠି ହୋଇ ବାହାର ଜିଲାରୁ ଆସିଥିବ ଶିକ୍ଷକଙ୍କୁ ବିଦ୍ୟାଳୟ ଭିତରେ ପଶି ବାକୁ ଦେଉନାହାନ୍ତି। ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ପଢ଼ିବାକୁ ପଠାଉ ନାହାନ୍ତି। ଫଳରେ ଦଶହରା ପରେ ସ୍କୁଲ ଖୋଲିବାର ତିନି ଦିନ ହେଲା ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି। ବ୍ଲକରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୧୯ ବିଦ୍ୟାଳୟରେ ୨୫୮୦୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। କରୁଛନ୍ତି। ସୋମବାର ୨୦୨୫୦ ଜଣ ଛାତ୍ରୀଛାତ୍ର ସ୍କୁଲ ଯାଇଥିଲେ। କେବଳ ୨୬ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯାଥିଲା। ପିଲାମାନେ ସ୍କୁଲ ଆସୁ ନ ଥିଲେ ମଧ୍ୟ ଶିକ୍ଷକମାନେ ୪ ଟା ପର୍ଯ୍ୟନ୍ତ ସ୍କୁଲରେ ଉପସ୍ଥିତ ରହୁଥିବା ବିଇଓ ସୌମେନ୍ଦ୍ର ଭୌମିକ କହିଛନ୍ତି।

# ହକ୍ ପାଇବେ ୮୧ ବୀମାଧାରୀ ଚାଷୀ

**ନବରଙ୍ଗପୁର,୨୧।୧୦(ସଦାଶିବ ପ୍ରହରାଜ)**

- ଏକକାଳୀନ ୮୧ କେସର ଫଇସଲା କଲେ ଜିଲା ଖାଉଟି ଅଦାଲତ
- ଜିଲା ପ୍ରଶାସନ, ରାଜ୍ୟ କୃଷି ବିଭାଗକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନବରଙ୍ଗପୁର ଜିଲା ଖାଉଟି ଅଦାଲତ ସୋମବାର ଏକକାଳୀନ ୮୧ଟି କେସ୍‌ର ଫଇସଲା କରିଛନ୍ତି। ୨୦୧୮ ମସିହାର ବୀମାଧାରୀ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରକାରେ ନିଜ ପ୍ରାପ୍ୟ ଦେବାକୁ ବୀମା କମ୍ପାନୀ ଚୋଲାମଣ୍ଡଲମକୁ ନିର୍ଦ୍ଦେଶ ଦିଆଯାଇଛି। ୪୫ ଦିନ ମଧ୍ୟରେ ବୀମା ଅର୍ଥ ପ୍ରଦାନ କରିବାକୁ ରାୟ ପ୍ରକାଶ ପାଇଛି। ପୂର୍ବରୁ ଯଦି ବୀମା କମ୍ପାନୀ କୌଣସି ଚାଷୀଙ୍କୁ ପ୍ରକୃତ ପ୍ରାପ୍ୟ ଦେବାରେ ଅବହେଳା ଓ ସ୍ୱଳ୍ପ ବୀମାରାଶି ଦେଇଥାନ୍ତି ତେବେ ପ୍ରକୃତ ବୀମାରାଶି ଦେବା ସହ ୧୦ହଜାର କ୍ଷତିପୂରଣ ଓ ୩ ହଜାର ଟଙ୍କା ମକଦ୍ଦମା ଖର୍ଚ୍ଚ ଦେବେ। ଅଦାଲତଙ୍କ ଏହି ଆଦେଶକୁ ଯଦି ଧାର୍ଯ୍ୟ ସମୟ ସୀମାରେ ପାଳନ କରା ନଯାଏ ତେବେ ତାହାକୁ ଅଦାଲତଙ୍କ ଆଦେଶ ଅବମାନନା ବୋଲି ଧରିନିଆଯିବ ବୋଲି ରାୟରେ କୁହାଯାଇଛି।

ସୂଚନାନୁଯାୟୀ, ୨୦୧୮ ଖରିଫ ଚାଷ ସକାଶେ ନବରଙ୍ଗପୁର ଜିଲାର ଚାଷୀ ନିଜ ଚାଷ ଜମିର ପରିମାଣ ଅନୁସାରେ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ବୀମା କମ୍ପାନୀ ଚୋଲାମଣ୍ଡଲମକୁ ପଇଠ କରିଥିଲେ। କିନ୍ତୁ ଉକ୍ତ ବର୍ଷ ସରକାରଙ୍କ ଦ୍ୱାରା ଜିଲାର ବିଭିନ୍ନ ଅଞ୍ଚଳକୁ ମରୁଡ଼ି ଘୋଷଣା କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବୀମା କମ୍ପାନୀ ଚାଷୀମାନଙ୍କୁ ସେମାନଙ୍କ ବୀମାଅର୍ଥ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ୨୦୧୯ରୁ ୨୦୨୧ ମଧ୍ୟରେ ଚନ୍ଦାହାଣ୍ଡି, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକ ଅଧୀନରେ ଥିବା ୮୧ ଜଣ ଚାଷୀ ଏ ନେଇ ପୃଥକ୍ ପୃଥକ୍ ଭାବେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନର ଅଧିକାରୀମାନଙ୍କ ପାଖକୁ ଚାଷୀମାନେ ଦୌଡି ଦୌଡି ନୟାନ୍ତ ହେବା ପରେ ଶେଷରେ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ ଦାୟର କରିଥିଲେ। ୨ ପକ୍ଷଙ୍କ ଶୁଣାଣି କରି କମିଶନଙ୍କ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଭ୍ୟା ସଲମା ବାନୋ ଜିଲା ପ୍ରଶାସନ ଓ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାର ଚନ୍ଦାହାଣ୍ଡି, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକର ତହସିଲଦାରମାନଙ୍କୁ ଠିକ ହିତାଧିକାରୀ ତାଲିକା ପ୍ରସ୍ତୁତ କରି ସମ୍ପୃକ୍ତ ବୀମା କମ୍ପାନୀକୁ ବୀମା ଅର୍ଥ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଚିକିଲିରେ ବିଜେଡି କର୍ମୀ ସମ୍ମିଳନୀ

**ଝରିଗାଁ,୨୧।୧୦(କିଶୋର ଚନ୍ଦ୍ର ମଣ୍ଡଳ)**

ରାଜ୍ୟସଭା ସଦସ୍ୟ ମୁନା ଖାନ୍ ଏବଂ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ସୋମବାର ଝରିଗାଁ ବ୍ଲକ ଗସ୍ତ କରିଥିଲେ। ସେମାନେ ପ୍ରଥମେ କୁଚ୍ରିଛାପର ପଞ୍ଚାୟତ ଚିକିଲି ଗ୍ରାମରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଦଳ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଉପସ୍ଥିତ କର୍ମୀଙ୍କୁ ସେମାନେ ପରାମର୍ଶ ଦେଇଥିଲେ। ଏହାପରେ କର୍ମୀମାନଙ୍କ ସହ ଝରିଗାଁ ବ୍ଲକ କୁଚ୍ରିଛାପର ପଞ୍ଚାୟତର ଅବହେଳିତ ଅବସ୍ଥାରେ ଥିବା ସାଇଧାରା ଜଳପ୍ରପାତ ଗସ୍ତ କରିଥିଲେ। ସାଇଧାରା ଏବଂ ଗୋସେଇଁଧାରା ଜଳପ୍ରପାତ ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ସେମାନେ କହିଥିଲେ। ଏହି ସମୟରେ କୁଚ୍ରିଛାପର ସମିତି ସଭ୍ୟ ପ୍ରସନ୍ନ ମାଝୀ, ସରପଞ୍ଚ ବୁଦ୍ଧି ସାନ୍ତା, ନିବେଦିତା ମହାନ୍ତି, କାଜାମ ମଦାନୀ, ଉଦୟନାଥ ନାୟକ, ଏମ୍‌ଡି ଗଫୁର, ପ୍ରେମାନନ୍ଦ ପାଣ୍ଡେ, ବିକ୍ରମ ସିଂ, ସୁଧାଂଶୁ ସାଧୁ, ସୁବାଷ ନାୟକ, ଧନିରାମ ଗଣ୍ଡ, ପର୍ଶୁ ଭତ୍ରା,ଦାମ ସାନ୍ତା ପ୍ରମୁଖ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।

# ଅଭିଯୋଗ ଶୁଣିଲେ, ସହାୟତା ଦେଲେ



ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀ।

**ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

**ନବରଙ୍ଗପୁର,୨୧।୧୦(ସଦାଶିବ ପ୍ରହରାଜ)**

ଉମରକୋଟ ପୌରପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ର ଏବଂ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ରଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୪ ବ୍ୟକ୍ତିଗତ ଓ ୬ଟି ସାମୂହିକ ସମସ୍ୟା ରହିଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ୪ ଜଣଙ୍କୁ ହୁଇଲ୍ ଚେୟାର ଜିଲାପାଳ ପ୍ରଦାନ କରିଥିଲେ। ଏଥିସହ ୧୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।

# ଲୋକ ଯୋଜନା ଅଭିଯାନ ନେଇ ଗ୍ରାମସଭା

**ଡାବୁଗାଁ,୨୧।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ବ୍ଲକର ୧୨ ପଞ୍ଚାୟତରେ ଲୋକ ଯୋଜନା ଅଭିଯାନ ନେଇ ଏକ ଗ୍ରାମସଭା ସୋମବାର ଅନୁଷ୍ଠିତ ହୋଇଛି। ଲୋକ ଯୋଜନା ଅଭିଯାନ-୨୦୨୪ ପାଳନ ପରିପ୍ରେକ୍ଷୀରେ ପଞ୍ଚାୟତସ୍ତରରେ ୨୦୨୫ -୨୬ ବର୍ଷ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ପ୍ରଥମ ଗ୍ରାମସଭା ହୋଇଥିଲା। ଏହି ଗ୍ରାମସଭାରେ ସମସ୍ତ ବିଭାଗର ଆବଶ୍ୟକତା ଅନୁଯାୟୀ ବିଭାଗୀୟ ଅନୁଦାନକୁ ସଂଯୋଗୀକରଣ କରି ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ କରଯାଇଥିଲା। ଏଥିରେ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକାପୂର୍ଣ୍ଣ ପଞ୍ଚାୟତ, ସୁସ୍ଥ ପଞ୍ଚାୟତ, ଶିଶୁପ୍ରିୟ ପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ପଞ୍ଚାୟତ, ପରିଷ୍କାର ଓ ସବୁଜ ପଞ୍ଚାୟତ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଥିବା ପଞ୍ଚାୟତ, ସୁଶାସନ ପଞ୍ଚାୟତ ଓ ମହିଳା ଅନୁକୂଳ ପଞ୍ଚାୟତ ଉପରେ ଆଲୋଚନା ହୋଇଥିଲା। ଗ୍ରାମସଭାକୁ ବିଡିଓ ଶରତ ମାଝି ତଦାରଖ କରିଥିଲେ। ଏଥିରେ ପଞ୍ଚାୟତ ନୋଡାଲ ଅଧିକାରୀ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ ଓ ଦିଲ୍ଲୀପ ଦୀପକ ମିଶ୍ର, ପିଇଓ ଏ.ଡି. ପ୍ରସାଦ, ପର୍ଶୁରାମ ମାଳୀ, ଅର୍ଜ୍ଜୁନ ଭତ୍ରା, ହଳଧର ଜାନୀ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର,୨୧।୧୦**
**(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ସନସାଇ ରନ୍ଧାରୀ।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଜ୍ରଗଡ଼ ଗାଁର ବଳିରାମ ଭାତରାଙ୍କ ଝିଅ ହୀରାଦେଇଙ୍କୁ ସନସାଇ ବିବାହ କରି ଘର ଜ୍ୱାଇଁ ଭାବେ ରହୁଥିଲେ। ସନସାଇ ବିଭିନ୍ନ କଥାକୁ ନେଇ ସ୍ତ୍ରୀଙ୍କ ସହ ଗଣ୍ଡଗୋଳ କରି ଆସୁଥିଲେ। ୨୦୧୭ ଅକ୍ଟୋବର ୨୫ରେ ସନସାଇ ହୀରାଦେଇଙ୍କୁ ଘର ଭିତରେ ବନ୍ଦ କରି ଦୁଇ ଲୁହାଛଡ଼ରେ ମାଡ଼ ମାରିଥିଲେ। ହୀରାଦେଇଙ୍କ ପାଟି ଶୁଣି ପାଖ ଲୋକ ତାଲା ଭାଙ୍ଗି ତାଙ୍କୁ ଉଦ୍ଧାର କରି ତୁରନ୍ତ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ହୀରାଦେଇଙ୍କ ମୃତ୍ୟୁ ହୋଇଯାଇଥିଲା। ବଳୀରମ ଭତ୍ରାଙ୍କ ଅଭିଯୋଗ କ୍ରମେ କୋଷାଗୁମୁଡା ଥାନାରେ ୧୭୦/୨୦୧୭ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିବାପରେ କୋର୍ଟ କେସ ନମ୍ବର ୨୪/୨୦୧୮ କେସ୍ ରୁଜୁ ହୋଇ ମାମଲା ବିଚାରାଧୀନ ଥିଲା। ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା ପରିଚାଳନା କରୁଥିଲେ।

# ଶହୀଦଙ୍କ ବୀରତ୍ୱର ସ୍ମୃତିଚାରଣ

**ନବରଙ୍ଗପୁର,୨୧।୧୦(ସଦାଶିବ ପ୍ରହରାଜ)**

**୬୫ ତମ ପୋଲିସ ଶହୀଦ ସ୍ମୃତି ଦିବସ**

ନବରଙ୍ଗପୁର ଜିଲାରେ ୬୫ ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ବାହିନୀ ପକ୍ଷରୁ ଅନୁଷ୍ଠିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହା ସହ ଚଳିତବର୍ଷ ରାଜ୍ୟର ୨ଜଣ ଶହୀଦଙ୍କ ସମେତ ସାରା ଦେଶର ୨୧୪ ଜଣ ଶହୀଦଙ୍କ ବୀରତ୍ୱକୁ ସ୍ମରଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଏଏସ୍‌ପି ବଟକୃଷ୍ଣ ମିଶ୍ରଙ୍କ ସମେତ ଜିଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଶହୀଦ ସ୍ତମ୍ଭ ନିକଟରେ ଆରକ୍ଷୀ ବାହିନୀ।

# ଛୁରି ଦେଖାଇ ମୋବାଇଲ ଲୁଟ୍

**ନବରଙ୍ଗପୁର,୨୧।୧୦**
**(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରରେ ସୋମବାର ସନ୍ଧ୍ୟାରେ ୨ ଜଣ ଦୁର୍ବୃତ୍ତ ଛୁରି ଦେଖାଇ ମୋବାଇଲ ଲୁଟ କରିଛନ୍ତି। ସ୍ଥାନୀୟ ଜିଲା ଶ୍ରମ କାର୍ଯ୍ୟାଳୟ କର୍ମଚାରୀ ସହିଷ୍ଣୁ କୁମାର ବିଷୋୟୀ ସବୁଦିନ ଭଳି ସେମାବାର ସନ୍ଧ୍ୟା ୬ଟାରେ ଅଫିସ ସାରି ଘରକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଆସି ବଡ଼ ଛୁରି ଦେଖାଇ ମୋବାଇଲ ଛଡାଇ ନେଇ ଥିଲେ। ଏ ନେଇ ସେ ନବରଙ୍ଗପୁର ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ତେବେ ସନ୍ଧ୍ୟା ସମୟରେ ଏଭଳି ଲୁଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସହର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରି ଓ ଲୁଟ୍ ଘଟୁଥିବାବେଳେ ପୋଲିସ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

# ସୁରକ୍ଷାକର୍ମୀ ସଂଘର ଆନ୍ଦୋଳନ ଚେତାବନୀ

**ତେନ୍ତୁଳିଖୁଣ୍ଟି, ୨୧।୧୦(ଚିଦାନନ୍ଦ ସାହୁ)**

**ମିଳିନି ୪ ମାସର ଦରମା, ଇପିଏଫ୍ ଅର୍ଥ ଜମାରେ ଅବହେଳା ଅଭିଯୋଗ**

ଇନ୍ଦ୍ରାବତୀ ପ୍ରକଳ୍ପର ଡ୍ୟାମ୍, ବିଭିନ୍ନ କାର୍ଯ୍ୟାଳୟରେ କାମ କରୁଥିବା ସୁରକ୍ଷା କର୍ମୀମାନେ ସୋମବାର ପ୍ରକଳ୍ପ କର୍ତ୍ତୃପକ୍ଷ ଦାବିପତ୍ର ଦେଇଛନ୍ତି। ବାକି ଥିବା ୪ ମାସର ଦରମା ଓ ଇପିଏଫ୍ ଟଙ୍କା ତୁରନ୍ତ ଜମା ନ କଲେ ସୁରକ୍ଷା କର୍ମୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଦରମା ମିଳିନାହିଁ। ସୁରକ୍ଷା କର୍ମୀଙ୍କ ଇପିଏଫ୍ ବାବଦ ଅର୍ଥ ମଧ୍ୟ ୮ ମାସ ହେବ ଜମା ହୋଇ ନାହିଁ। ବର୍ଦ୍ଧିତ ଶ୍ରମ ସୂଚୀ ଅନୁସାରେ ଦରମା ପ୍ରଦାନ ନାମରେ ଏଭଳି ଅଣଦେଖା କରାଯାଉଥିବାରୁ ୧୪୭ରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀ ଅସୁବିଧା ଭୋଗୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ନୂଆ ସୁରକ୍ଷା ଏଜେନ୍ସି ଚୟନ ପାଇଁ ଏବେ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଏହି ସମୟରେ ପ୍ରକଳ୍ପ କର୍ତ୍ତୃପକ୍ଷ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇନ୍ଦ୍ରାବତୀ ଡ୍ୟାମ ସର୍କଲ ପଦକ୍ଷେପ ନ ନେଲେ ସୁରକ୍ଷା କର୍ମୀ ଅସୁବିଧା ସମ୍ମୁଖୀନ ହେବେ ବୋଲି କହିଛନ୍ତି। ଦୀର୍ଘ ମାସ ପରେ ଗତ ଗୋଟିଏ ମାସର ଦରମା ମିଳିଥିଲା। ଦୀର୍ଘ ୫ ମାସ ବିନା ଦରମାରେ ପରିବାର ପ୍ରତିପୋଷଣ କଷ୍ଟକର ହୋଇଛି। ତୁରନ୍ତ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ସଂଘ ସଭାପତି ନୀଳାମ୍ବର ପରିଚ୍ଛା ସହ ଶତାଧିକ ସୁରକ୍ଷାକର୍ମୀ ଦାବି କରିଛନ୍ତି । ସୁରକ୍ଷା ସଂସ୍ଥାକୁ ତାଗିଦ୍ କରି ବକେୟା ଦରମା ଏବଂ ଇପିଏଫ୍ ଅର୍ଥ ଜମା କରାଇବା ନିର୍ଦ୍ଦେଶ ଦେବାକୁ ସଂଘ ଦାବି କରିଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଡ୍ୟାମ, କାର୍ଯ୍ୟାଳୟ ଆଦିର ସୁରକ୍ଷା କାମ ମା ତାରିଣୀ ସିକ୍ୟୁରିଟି ଏଜେନ୍ସି ନେଇଛି। ସ୍ୱଳ୍ପ ଦରମାରେ ନିଜ କର୍ତ୍ତବ୍ୟ କରି ଆସୁଥିବା ସୁରକ୍ଷା କର୍ମୀଙ୍କ ସମସ୍ୟା ସମାଧାନ ଦାୟିତ୍ୱ କର୍ତ୍ତୃପକ୍ଷଙ୍କର ବୋଲି ସଂଘ ସଦସ୍ୟମାନେ କହିଛନ୍ତି। ସୁରକ୍ଷା କର୍ମୀଙ୍କ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନରେଶ ଚନ୍ଦ୍ର ପାତ୍ର କହିଛନ୍ତି।



ଅଭିଯୋଗ ଜଣାଇବାକୁ ଆସିଥିବା ସୁରକ୍ଷାକର୍ମୀ ସଦସ୍ୟମାନେ।

# ପ୍ରତିଯୋଗିତା, ମାରାଥନ ସହ ହେବ ଶୋଭାଯାତ୍ରା

**ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପ୍ରସ୍ତୁତି ବୈଠକ**

**ନବରଙ୍ଗପୁର,୨୧।୧୦(ସଦାଶିବ ପ୍ରହରାଜ)**

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

୨୯ ତାରିଖ ସକାଳ ୮ଟାରେ ମାରାଥନ ଦୌଡ଼ କରାଯିବ। ଏହା ସ୍ଥାନୀୟ ସଦାଶିବ ପାର୍କରୁ ଆରମ୍ଭ ହୋଇ ପୁରୁଣା ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଯିବ। ମଣ୍ଡେଇ ପଡ଼ିଆରୁ ସ୍କୁଲ କଲେଜ ଛତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା, ଆଶା, ଅଙ୍ଗନଓ୍ୱାଡି କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ସରକାରୀ ଅଧିକାରୀମାନେ ଏକ ଶୋଭାଯାତ୍ରା ବାହାରି ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯିବେ। ଏହି ଉପଲକ୍ଷେ ଆସନ୍ତା ୨୫ ତାରିଖରେ ହାଇସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିପର୍ଯ୍ୟୟ ପୂର୍ବରୁ ଓ ପରେ କ’ଣ ସବୁ ପଦକ୍ଷେପ ନିଆଯିବ ସେ ନେଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରଦର୍ଶନ କରିବେ। ବୈଠକରେ ସିଡିଏମ୍‌ଓ ମଳୟ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା, ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ରାମଶଙ୍କର ଦାସ, ଜିଲା କ୍ରୀଡ଼ାଧିକାରୀ ଅଶ୍ୱୀନ ମାଝୀ, ନବରଙ୍ଗପୁର ବିଡିଓ ସୁନୀଲ ଖୋରା, ଜିଲା ଅଗ୍ନିଶମ ଅଧିକାରୀ ଦେବୀ ପ୍ରସାଦ ଦାସ, ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ପ୍ରଭାତ କୁମାର ପଟ୍ଟନାୟକ ସହ ଜରୁରୀ କାଳୀନ ଉପ ବିଭାଗର ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

